# ସ୍ଥିରହୋଇ ରୁହ



ଓଡ଼ିଆ କାହାଣୀ ବହି

Odia

# ସ୍ଥିରହୋଇ ରୁହ

Odia
Koraput, Odisha, India

Copyright © 2021, NIEA

For permission to reuse, contact the copyright holder.

Typing and editing
Nirad Kumar Bagh

Level-2

Publish
NIEA

# ପାଉଲଙ୍କ ସଙ୍ଗ୍ରାମ



ଏହି କାହାଣୀ ପାଉଲଙ୍କର ଅଟେ, ପାଉଲ ଜଣେ ଯୀଶୁ ଖ୍ରୀଷ୍ଟଙ୍କର ପ୍ରେରିତ ଥିଲେ । ସେ ତାଙ୍କ ସାରା ଜୀବନ ବହୁତ ସଂଘର୍ଷକରି ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ସୁସମାଚାର ବିଭିନ୍ନ ଜାଗାରେ ପହଞ୍ଚାଇଥିଲେ । ଯୀଶୁଙ୍କୁ ବିଶ୍ୱାସ କରିବା ପୁର୍ବରୁ ସେ ଖ୍ରୀଷ୍ଟ ବିଶ୍ୱାସି ମାନଙ୍କୁ ବହୁତ ତାଡ଼ନା କରିଥିଲେ । କିନ୍ତୁ ଯୀଶୁ ତାହାଙ୍କର ଜୀବନ ବଦଳାଇଦେଲେ ପୁଣି ସେ ବହୁତ ବଡ଼ ପ୍ରଚାରକ ହେଲେ ।

ଗୋଟିଏ ଦିନ ଯେତେବେଳେ ସେ ଦମେସକ ନଗରରେ ଯୀଶୁଙ୍କର ପ୍ରଚାର କରୁଥିଲେ । ସେଥିପାଇଁ ସେଥିର କିଛି ଯିହୁଦୀ ଲୋକ ତାହାଙ୍କୁ ମାରିବା ପାଇଁ ଷଡ଼ଯନ୍ତ୍ର କଲେ, ଆଉ ସେହି ନଗରର ଫାଟକ ପାଖରେ ବସି ପଡ଼ିଲେ । କିନ୍ତୁ ଏହି କଥା ଯେତେବେଳେ ପାଉଲ ଜାଣିଲେ ଯେ ତାହାଙ୍କୁ ମାରିବା ପାଇଁ କେତେ ଲୋକ ନଗରର ଫାଟକରେ ବସିଛନ୍ତି । ତ ରାତିରେ ତାହାଙ୍କ ଶିଷ୍ୟମାନେ ଗୋଟିଏ ଟୋକେଇରେ ବସେଇକି ନଗରର ପ୍ରାଚୀର ଦେଇ ତଳକୁ ଉହ୍ଲାଇଦେଇ ସେହି ନଗରରୁ ବାହାରକୁ ପଠାଇଦେଲେ ।



ଏହାପରେ ସେ ବିଭିନ ଦେଶରେ ଯାଇ ଯୀଶୁଙ୍କ ସୁସମଚାର ପ୍ରଚାର କରିବାକୁ ଲାଗିଲେ । ଏହା ପରେ ସେ ଅନ୍ୟ ଅନ୍ୟ ଦେଶକୁ ଯାଇ ପ୍ରଚାର କରିବାକୁ ଲାଗିଲେ । ଥରେ ସେ ଫିଲିପି ନଗରରେ ପହଞ୍ଚିଲେ ଆଉ ପ୍ରାର୍ଥନା କରିବାକୁ ସେ ଯେତେବେଳେ ବାହାରକୁ ବାହାରିଲେ ସେତେବେଳେ ସେ କିଛି ମିହିଳାଙ୍କୁ ଭେଟିଲେ । ପୁଣି ଥରେ ଯେତେବେଳେ ସେ ବାହାରକୁ ଯାଉଥିଲେ ସେତେବେଳେ ସେ ଆଉ ଏକ ମହିଳାକୁ ଭେଟିଲେ ଯିଏ କି ହାତ ଦେଖି ଲୋକମାନଙ୍କର ଭାଗ୍ୟ କହୁଥିଲେ ପୁଣି ତାଙ୍କର ମାଲିକ ମାନଙ୍କ ପାଇଁ ଟଙ୍କା ରୋଜଗାର କରିଦେଉଥିଲେ ।

ସେ ପାଉଲଙ୍କ ପଛକୁ ଆସି ଚିତ୍କାର କରିବାକୁ ଲାଗିଲେ । ଏହି ବ୍ୟକ୍ତି ଜଣେ ମହାନ ପରମେଶ୍ୱରଙ୍କର ଦାସ ଅଟନ୍ତି । ସେ ଆମକୁ ଉଦ୍ଧାର ମାର୍ଗର କଥା କହୁଛନ୍ତି । ସେ ବହୁତ ଦିନ ପର୍ଯ୍ୟନ୍ତ ଏହିପରି କରୁଥିଲେ ।



ତେବେ ପାଉଲ ଦୁଃଖିତ ହେଲେ ଆଉ ସେହି ଆତ୍ମାକୁ କହିଲେ, "ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାହରି ଯା" । ଆଉ ସେ ସେହି ସମୟରେ ହିଁ ବାହାରି ଗଲେ । ସେଥିରୁ ସେହି ସ୍ତ୍ରୀଲୋକର ମାଲିକମାନେ ପାଉଲଙ୍କୁ ଏବଂ ତାଙ୍କ ସାଥିକୁ ଧରିଲେ ପୁଣି ତାଙ୍କର ଅଧିକାରୀମାନଙ୍କ ନିକଟକୁ ଘୋଷାଡ଼ି ଘୋଷାଡ଼ି ନେଲେ ।



ଅଧିକାରୀମାନେ ସେମାନଙ୍କୁ ଧରି ସେମାନଙ୍କର ସବୁ ପୋଷାକ କାଢ଼ିଲେ ଦେଲେ ପୁଣି ବେତ୍ରାଘାତ କରାଇଲେ । ଆଉ ସେମାଙ୍କୁ ଜେଲ୍‌ରେ ରଖିଲେ । ଆଉ ଯେତେବେଳେ ସେମାନେ ରାତିରେ ଭୋଜନ ଗାଉଥିଲେ ସେତେବେଳେ ବହୁତ ବଡ଼ ଭୁମିକମ୍ପ ହେଲା ଆଉ ଜେଲ୍ ଘରର ମୂଳଭୁମି ବହୁତ କମ୍ପିଲା ପୁଣି ଦ୍ୱାର ସବୁ ଖୋଲିଗଲେ ।



ସେତେବେଳେ କାରାଗାର ରକ୍ଷକ ଭାବିଲା ଯେ ସେଥିର ସବୁ କଏଦୀମାନେ ପଳେଇଗଲେ, ସେଥିପାଇଁ ସେ ନିଜକୁ ମାରିବା ପାଇଁ ଖଣ୍ଡା ବାହାର କଲେ ।



ତେବେ ପାଉଲ କହିଲେ ତୁମେ
ନିଜକୁ ମାର ନାହିଁ, ଆମେ ସବୁ
ଏଠାରେ ଅଛୁ । ତେବେ କାରାଗାର
ରକ୍ଷକ ସେମାନଙ୍କୁ ବାହାରକୁ ଆଣି
କହିଲେ, "ମୁଁ ଉଦ୍ଧାର ପାଇବାକୁ
ହେଲେ କ'ଣ କରିବାକୁ ହେବ" ।
ତେବେ ପାଉଲ ତାହାଙ୍କୁ କହିଲେ,
ପ୍ରଭୁ ଯୀଶୁଙ୍କୁ ବିଶ୍ୱାସ କର ତେବେ
ତୁମେ ଓ ତୁମ ପରିବାର ଉଦ୍ଧାର
ପାଇବ ।

ତେବେ ସେ ଆଉ ତାହାଙ୍କ
ପରିବାର ଖ୍ରୀଷ୍ଟଙ୍କୁ ବିଶ୍ୱାସ କଲେ
ପୁଣି ବାପ୍ତିସ୍ମ ନେଲେ । ତାହା
ପରେ ପାଉଲ ଥେସଲନୀ ନଗରକୁ
ଆସିଲେ, ଆଉ ଏହା ପରେ ସେ
କରିନ୍ଥୀୟକୁ ଆସିଲେ ଆଉ
ସେଠାରେ ସେ ଯୀଶୁଙ୍କୁ ପ୍ରଚାର
କଲେ, କିନ୍ତୁ ସେଠାକାର
କେତେଲୋକ ତାହାଙ୍କୁ ବିରୋଧ
କଲେ ପୁଣି ତାହାଙ୍କୁ ନିନ୍ଦା କଲେ ।





କିନ୍ତୁ ପ୍ରଭୁ ଗୋଟିଏ ରାତି ତାହାଙ୍କୁ ଦର୍ଶନ ଦେଇ କହିଲେ, "ଭୟକର ନାହିଁ, ପ୍ରଚାର କର ତୁନି ହୋଇ ରୁହ ନାହିଁ; କାରଣ ମୁଁ ତୁମ ସହିତ ଅଛି; ଆଉ କେହି ମଧ୍ୟ ତୁମକୁ କିଛି କରି ପାରିବେ ନାହିଁ କାରଣ ଏହି ନଗରରେ ମଧ୍ୟ ମୋର ବହୁତ ଲୋକ ଅଛନ୍ତି ।




ଯେବେ ପରମେଶ୍ୱର ଆମକୁ ତାହାଙ୍କ ସେବା କାର୍ଯ୍ୟପାଇଁ ବାଛୁଛନ୍ତି ତ ସେ ଚାହୁଛନ୍ତି କି ଆମେ ସେଥିରେ ସ୍ଥିର ହୋଇ ରହିବା ଆଉ ତାହାଙ୍କ ସୁସମାଚାର ପ୍ରଚାର କରି କରି ତାହାଙ୍କ ସେବା କରିବା ।

ଆମକୁ ଅଳସୁଆ ଓ ଭୟଭିତ ହେବାକୁ ହେବ

ଆମେ ଲୋକଙ୍କୁ ଡରି ପ୍ରଭୁଙ୍କୁ ଛାଡ଼ିଦେବା
ଆମକୁ ପ୍ରତ୍ୟୋକ ଦିନ ପ୍ରାର୍ଥନା କରିବାର ଅଛି ଆଉ ପ୍ରଭୁଙ୍କ ବିଶ୍ୱୟରେ ଅନ୍ୟକୁ କହିବାର ଅଛି ।
ଆମେ ଲୋକଙ୍କ ସହିତ ବିଶ୍ୱସ୍ତ ହେବା ନାହିଁ ।
ଆମେ ଲୋକଙ୍କୁ ସାହାଯ୍ୟ କରିବା ଏବଂ ସାରା ଜୀବନ ଯୀଶୁଙ୍କ ପାଇଁ ବଞ୍ଚିବା ।

ପାଉଲ ଏବଂ ଶିଲାଙ୍କର କାହାଣୀ